# ଦେବୋତ୍ତର କାର୍ଯ୍ୟାଳୟ ,ଆଠଗଡ

ପତ୍ର ସଂଖ୍ୟା ......୭୨....... / ତାରିଖ ୨୯/୦୨/୨୦୨୫

## ନୋଟିସ

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆଠଗଡ ଦେବୋତ୍ତର ପରିଚାଳନାଧିନ ଶ୍ରୀ ଶ୍ରୀ ଧବଳେଶ୍ୱର ଦେବ, ଶ୍ରୀ ଶ୍ରୀ ସର୍ପେଶ୍ୱର ଦେବ ଓ ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଦେବ ଠାକୁରଙ୍କ ନିମ୍ନ ସୈରାତମାନ ଆଗାମୀ ୨୦୨୫ -୨୦୨୬ବର୍ଷ ନିମନ୍ତେ ଜଉମୁଦ ଟେଣ୍ଡର ସୂତ୍ରେ ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ସାଧା କାଗଜରେ ନିଜ ନାମ, ପିତା /ସ୍ୱାମୀଙ୍କ ନାମ ସହିତ ପୂର୍ଣ୍ଣ ଠିକଣା ଲେଖାଇ ନିଜର ପରିଚୟ ପତ୍ର ଫଟୋ କପି ସହିତ ନିର୍ଦ୍ଧାରିତ ଫର୍ମ ସଂଲଗ୍ନ କରି ଉପଜିଲ୍ଲାପାଳ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଆଠଗଡ ଦେବୋତ୍ତର , ସାକିନ/ପୋ -ଆଠଗଡ , ଜିଲ୍ଲା -କଟକ , ପିନକୋଡ଼ ନମ୍ବର-୭୫୪୦୨୯ ଆବେଦନ କରିପାରିବେ । ନ ୪ ମ୍ବର ସ୍ତମ୍ଭରେ ଉଲ୍ଲେଖିତ ଅମାନତ ଦେୟକୁ ଉପଜିଲ୍ଲାପାଳ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଆଠଗଡ ଦେବୋତ୍ତର , (SUB-COLLECTOR-CUM-EXECUTIVE OFFICER, ATHGARH DEBOTTAR ) ଙ୍କ ସପକ୍ଷରେ ବ୍ୟାଙ୍କ ଡ୍ରାଫ୍ଟ ସଂଲଗ୍ନ କରି ପଠାଇବେ । ଯାହାକି ଆଠଗଡରେ ଉଠାଣ କରାଯାଇପାଇବ ।

ଜଉମୁଦ ଟେଣ୍ଡର କାଗଜ ଦେବୋତ୍ତର ଆଠଗଡ ତଥା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶେଷ ତାରିଖ ତା- ୦୭ .୦୩.୨୦୨୫ ରିଖ ସୈରାତ ଉସ୍ଵ ର ନିଜର ଧାର୍ଯ୍ୟ ମୂଲ୍ୟ (OFFER PRICE) ଉଲ୍ଲେଖ କରି ଅପରାହ୍ନ ୫ ଘଟିକା ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ପହଞ୍ଚାଇବା ଆବଶ୍ୟକ । ଦରଖାସ୍ତ ଗୁଡିକ ତା ୧୨.୦୩.୨୦୨୫ ରିଖ ପୂର୍ବାହ୍ନ ୧୧ଘଟିକା ସମୟରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଖୋଲାଯିବ । ଦରଖାସ୍ତକାରୀମାନେ ନିମ୍ନ ନିଲାମର ସର୍ତ୍ତାବଳି ଓ ନିଲାମ ସମ୍ବନ୍ଧୀୟ ଆବଶ୍ୟକତା ସୂଚନା ଦେବୋତ୍ତର କାର୍ଯ୍ୟାଳୟ, ଆଠଗଡଙ୍କ ଠାରୁ ଛୁଟିଦିନ ବ୍ୟତୀତ ନେଇପାରିବେ । କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ଉକ୍ତ ନିଲାମକୁ ସ୍ଥଗିତ କିମ୍ବା ରଦ୍ଦ କରିପାରିବେ ।

| କ୍ରମିକ ନମ୍ବର | ଠାକୁରଙ୍କ ନାମ ଓ ସୈରାତ ନାମ | ଧାର୍ଯ୍ୟଦର | ଅମାନତ ଦେୟ |
|---|---|---|---|
| 1 | 2 | 3 | 4 |
| ୧ | ସାଇକେଲ ଷ୍ଟାଣ୍ଡ (ମଂଚେଶ୍ୱର ପଟ ) (୧ଟି) | ଟ ୨୪,୮୫,୪୫୦ /- | ଟ ୨,୪୮,୫୪୫ |
| ୨ | ଭୋଗ ଦୋକାନ (୧ଟି) | ଟ ୨୨,୦୦,୬୦୫ /- | ଟ ୨,୨୦,୦୬୧ |
| ୩ | ଦୀପ, ଦହି , କ୍ଷୀର ଦୋକାନ (୧ଟି) | ଟ ୪୪,୦୦,୦୦୦ /- | ଟ ୪, ୪୦,୦୦୦ |
| ୪ | ଜୋତା ଷ୍ଟାଣ୍ଡ(୧ଟି) | ଟ ୨୫,୧୧,୩୦୦/- | ଟ ୨,୫୧, ୧୩୦ |
| ୫ | ପୁରିମିଠା (୧ଟି) | ଟ ୧,୭୮,୭୫୦/- | ଟ ୧୭,୮୭୫ |
| ୬ | ନଡ଼ିଆ କଦଳୀ ଧୂପ ଭାସ୍କର (୧ଟି) | ଟ ୧୧,୮୨,୫୦୦ /- | ଟ ୧,୧୮,୨୫୦ |
| ୭ | ଚାଟ ଦୋକାନ (୧ଟି) | ଟ ୪୪,୨୨୦ /- | ଟ ୪,୪୨୫ |
| ୮ | ଖିଲିପାନ (୧ଟି) | ଟ ୧,୭୮,୨୦୦ /- | ଟ ୧୭,୮୨୦ |
| ୯ | ଥଣ୍ଡା ଦୋକାନ (୧ଟି) | ଟ ୬,୪୮,୫୧୧ /- | ଟ ୬୪,୮୫୧ |
| ୧୦ | ଆଖୁରସ (୧ଟି) | ଟ ୧,୭୯,୨୯୯ /- | ଟ ୧୭,୯୩୦ |
| ୧୧ | ଚା ଦୋକାନ (୧ଟି) | ଟ ୮୮,୦୦୦ /- | ଟ ୮, ୮ ୦୦ |

| | | | |
|---|---|---|---|
| ୧୨ | ଚୁଡ଼ି ଦୋକାନ (୧ଟି) | ଟ ୧,୪୩,୨୧୯ /- | ଟ ୧୪,୩୨୨ |
| ୧୩ | ବହି,ଫଟୋ, କଡ଼ମାଳି ଓ ମନୋହାରୀ (୧) | ଟ ୬,୦୫,୭୭୦ /- | ଟ ୬୦,୫୭୭ |
| ୧୪ | ହବିଷର୍ଣ୍ଣ | ଟ ୨୬,୯୬,୨୩୮ /- | ଟ ୨,୬୯,୬୨୪ |
| ୧୫ | ଶ୍ରୀ ସର୍ପେଶ୍ୱର ଦେବଙ୍କ ଭୋଗ ଓ ଦୀପ | ଟ ୨୯,୧୩୬ /- | ଟ ୨,୯୧୪ |
| ୧୬ | ଆମ୍ବ ବଗାୟତା (ରାଧାଗୋବିନ୍ଦ ଦେବ) | ଟ ୩୫, ୭୫୦ /- | ଟ ଟ ୩, ୫୭୫ |

# ନିଲାମ ସର୍ତ୍ତାବଳି

୧) ନିଲାମରେ ଅଂଶ ଗ୍ରହଣ ଇଚ୍ଛୁକ ବ୍ୟକ୍ତି ଧାର୍ଯ୍ୟ ମୂଲ୍ୟ ର ଏକ ଦଶମାଂଶ ଅମାନତା ଦେୟ ବ୍ୟାଙ୍କ ଡ୍ରାଫ୍ଟ ଆକାର ରେ ଦାଖଲ କରି ନିଲାମରେ ଅଂଶ ଗ୍ରହଣ କରିପାରିବେ । (The Bank draft should be drawn in favour of Sub-Collector-Cum- Executive Officer Athgarh Debottar from any Bank payable at Athgarh)

୨) ଯେଉଁ ବ୍ୟକ୍ତିଙ୍କର ଟେଣ୍ଡର ଦର ସର୍ବାଧିକ ହେବ ତାଙ୍କ ନାମରେ ନିଲାମ ସିଧ ହେବ । ନିଲାମଧାରୀ ୪୮ ଘଣ୍ଟା ମଧରେ ସମସ୍ତ ଅର୍ଥ ଜମାଦେବେ । ଏହାର ଖିଲାପ କଲେ ଅମାନତା ରାଶି ବାଜ୍ୟାପ୍ତି ହୋଇ ବିଜ୍ଞପ୍ତି ଅନୁଯାୟୀ ପୁନଃ ସାନି ନିଲାମ କରାଯିବ ।

୩) ଯଦି କୌଣସି କାରଣରୁ ଧାର୍ଯ୍ୟ ଦର ଠାରୁ ଟେଣ୍ଡର ଦର କମ ଆସେ ତେବେ ନିଲାମ ରଦ କରାଯିବ ।

୪) ନିଲାମଧରୀ ସମସ୍ତ ଅର୍ଥ ପୈଠ ପରେ ଦେବୋତ୍ତର ବିଭାଗର ସର୍ତ ମାନି ଚୁକ୍ତି ନାମା କରିବେ । ନଚେତ ତାଙ୍କର ଅମାନତା ଟଙ୍କା ବାଜ୍ୟାପ୍ତି କରାଯାଇ ସାନି ନିଲାମ କରାଯିବ ।

୫) କାର୍ଯ୍ୟ ନିର୍ବାହୀ ଅଧିକାରୀ ବିନା କାରଣ ଦର୍ଶାଇ ଉକ୍ତ ନିଲାମଙ୍କୁ ରଦ୍ଦ କରିବାର କ୍ଷମତା ରହିଅଛି ।

୬) ଯାହାଙ୍କ ନାମରେ ନିଲାମ ସିଦ୍ଧ ହେବ ସେ ବ୍ୟକ୍ତି ଦେବୋତ୍ତର ବିଭାଗ ଧାର୍ଯ୍ୟ କରିଥିବା ଦର ଅନୁଯାୟୀ ଆଦାୟ କରିବେ ।

୭) ଟେଣ୍ଡର ଦାଖଲ କରୁଥିବା ବ୍ୟକ୍ତି ବିଶେଷଙ୍କ ଉପରେ କୌଣସି ବକେୟା ଥିଲେ ସେମାନଙ୍କର ନିଲାମ ଗ୍ରହଣ ହେବ ନାହିଁ ଓ ତାଙ୍କର ଅମାନତା ରାଶି ବାଜ୍ୟାପ୍ତି କରାଯିବ ।

୮) ବିଜ୍ଞାପନ ବାବଦକୁ ଖବର କାଗଜର ଦେୟ ନିଲାମ ଗ୍ରାହକଙ୍କ ଠାରୁ ଅଶୁଲ କରାଯିବ ।

୯) ମନ୍ଦିର ପ୍ରଶାସନ ତରଫରୁ ସ୍ଥାୟୀ ଜାଗା ନିରୂପଣ କରାଯିବ , ସେହି ଜାଗାରେ ଉକ୍ତ ଦୋକାନ କରିବା ପାଇଁ ନିଲାମ ଧାରୀ ବାଧ ରହିବେ ।

୧୦) ପ୍ରଶାସନ ତରଫରୁ ସ୍ଥାୟୀ ଜାଗା ନିରୂପଣ ବ୍ୟତୀତ ଅନ୍ୟାନ୍ୟ ପ୍ରସ୍ତୁତି କରଣ ଗୃହ ଦିଆଯିବ ନାହିଁ ।

୧୧) ଯଦି ଉକ୍ତ ଇସ୍ତାହାରରେ ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଛି । ସୈରାତ ଉତ୍ସ, ନିଲାମ ସବିଶେଷ ବିବରଣୀ ଓ ସର୍ତ୍ତାବଳୀ ଦେବୋତ୍ତର କାର୍ଯ୍ୟାଳୟ ଆଠଗଡ ରେ (ଛୁଟି ଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହା ର ସବିଶେଷ ବିବରଣୀ (cuttack.odisha.gov.in) ରେ ଉପଲବ୍ଧ ।

୧୨) ନିଲାମ ଗ୍ରହୀତା ନିମ୍ନଲିଖିତ ଦର ଅନୁଶାରେ ଆଦାୟ କରିବେ ।

ଜୋଡା ହଳ ପ୍ରତି ଟ ୫. ୦୦ ଙ୍କା    ଦୀପ ଏକ ଗୋଟି ର ମୂଲ୍ୟ ଟ ୧୦. ୦୦ଙ୍କା

| | | | |
|---|---|---|---|
| ସାଇକେଲ | ଟ ୧୦. ୦୦ଙ୍କା | ମଟର ସାଇକେଲ ଟ ୨୦.୦୦ଙ୍କା | |
| ତିନିଚକିଆ ଟ ୩୦.୦୦ ଙ୍କା | | କାର ଜିପ ଇତ୍ୟାଦି ଟ ୪୦.୦୦ ଙ୍କା | |
| ମିନି କ୍ୟାଣ୍ଟର ଟ ୫୦.୦୦ ଙ୍କା | | ବଡ ବସ ଟ ୧୦୦.୦୦ ଙ୍କା | |

୧୩) ନିଲାମ ଧାରୀ ଦ୍ରବ୍ୟ ଉପରେ ଲେଖା ଥିବା ଦରଠାରୁ ଅଧିକ ଦରରେ ବିକ୍ରି କରିବେ ନାହିଁ । ଯଦି ଏହାର ବ୍ୟତିକ୍ରମ କୌଣସି ନିଲାମ ଧାରୀ କରିବେ ଆଇନାନୁଯାୟୀ ନିଲାମକୁ ଖାରଜ କରି ପୁନଃ ନିଲାମ କରାଯିବ ।

21.02.25

**ଉପଜିଲ୍ଲାପାଳ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ**
**ଆଠଗଡ ଦେବୋତ୍ତର**

**ପରିପତ୍ର ସଂଖ୍ୟା -** ୬୭ **ତା** ୨୧/୦୨/୨୦୨୫

ଏହାର ଏକକିତା ନକଲ ତହସିଲଦାର ଆଠଗଡ / ଗୋଷ୍ଠୀ ଉନ୍ନୟନ ଅଧିକାରୀ , ଆଠଗଡ /କାର୍ଯ୍ୟନିର୍ବାହୀ ଅଧିକାରୀ, ଏନସି ଆଠଗଡ/କାର୍ଯ୍ୟନିର୍ବାହୀ ଅଧିକାରୀ କଟକ ଚଣ୍ଡୀ ମନ୍ଦିର/ ସରପଞ୍ଚ, ମଞ୍ଚେଶ୍ୱର ଗ୍ରାମପଞ୍ଚାୟତଙ୍କ ବିହିତ ପ୍ରଚାର ଓ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

21.02.25

**ଉପଜିଲ୍ଲାପାଳ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ**
**ଆଠଗଡ ଦେବୋତ୍ତର**

**ପରିପତ୍ର ସଂଖ୍ୟା -** ୬୮ **ତା** ୨୧/୦୨/୨୦୨୫

ଏହାର ଏକକିତା ନକଲ ସହକାରୀ ଦେବୋତ୍ତର ଆୟୁକ୍ତ କଟକ /ଦେବୋତ୍ତର ନିରୀକ୍ଷକ କଟକଙ୍କୁ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

21.02.25

**ଉପଜିଲ୍ଲାପାଳ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ**
**ଆଠଗଡ ଦେବୋତ୍ତର**

**ପରିପତ୍ର ସଂଖ୍ୟା -** ୬୯ **ତା** ୨୧/୦୨/୨୦୨୫

ଏହାର ଏକକିତା ନକଲ ଦେବୋତ୍ତର ଆୟୁକ୍ତ ଓଡିଶା ଭୁବନେଶ୍ୱର / ଜିଲ୍ଲାପାଳ କଟକଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

21.02.25

**ଉପଜିଲ୍ଲାପାଳ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ**
**ଆଠଗଡ ଦେବୋତ୍ତର**

**ପରିପତ୍ର ସଂଖ୍ୟା -** ୭୦ **ତା** ୨୧/୦୨/୨୦୨୫

ଏହାର ଏକକିତା ନକଲ ପୂର୍ବ ଇଜରଦାରମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

21.02.25

**ଉପଜିଲ୍ଲାପାଳ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ**
**ଆଠଗଡ ଦେବୋତ୍ତର**

**ପରିପତ୍ର ସଂଖ୍ୟା -୮୧ ତା ୨୧/୦୨/୨୦୨୫**

ଏହାର ଏକକିତା ନକଲ ଉପଜିଲ୍ଲାପାଳ ଆଠଗଡ /ଉପଖଣ୍ଡ ଆରକ୍ଷୀ ଅଧିକାରୀ , ଆଠଗଡଙ୍କ ସଦୟ ଅବଗତି ସହିତ ଅନୁରୋଧ କରିକି ଉକ୍ତ ତାରିଖ ମାନଙ୍କରେ ଶାନ୍ତି ଶୃଙ୍ଖଳା ସହିତ ନିଲାମ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନା କରିବା ନିମିତ୍ତ ଦୃଢ ପଦକ୍ଷପ ନେବାଲାଗି ପ୍ରେରଣ କରାଗଲା ।

21.02.25

**ଉପଜିଲ୍ଲାପାଳ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ**
**ଆଠଗଡ ଦେବୋତ୍ତର**